# ସପ୍ତମ ପାଠ

## ପ୍ରାକୃତିକ ଓ କୃତ୍ରିମ



ଏଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକୁ ମଣିଷ ତିଆରି କରିଛି ଓ କେଉଁଗୁଡ଼ିକୁ ମଣିଷ ତିଆରି କରିନାହିଁ ଅଲଗା କରି ଲେଖ ।

| ମଣିଷ ତିଆରି କରିଛି | ମଣିଷ ତିଆରି କରିନାହିଁ |
|---|---|
| | |

କହିଲ ଦେଖି, ଯେଉଁଗୁଡ଼ିକୁ ମଣିଷ ତିଆରି କରିନାହିଁ, ସେଗୁଡ଼ିକୁ କିଏ ତିଆରି କରିଛି ?

ସେଗୁଡ଼ିକୁ ପ୍ରକୃତି ତିଆରି କରିଛି । ତେଣୁ ସେଗୁଡ଼ିକୁ **ପ୍ରାକୃତିକ ଜିନିଷ** ବୋଲି କୁହାଯାଏ । ସେହିପରି ମନୁଷ୍ୟ ତିଆରି କରିଥିବା ଜିନିଷକୁ **ମନୁଷ୍ୟକୃତ** ବା **କୃତ୍ରିମ ଜିନିଷ** ବୋଲି କୁହାଯାଏ ।

ଶିକ୍ଷକଙ୍କ ପାଇଁ ସୂଚନା :- ଶିକ୍ଷକ ପିଲାମାନଙ୍କୁ ଶ୍ରେଣୀ ବାହାରକୁ ନେଇ ପ୍ରାକୃତିକ ଓ କୃତ୍ରିମ ଜିନିଷ ଚିହ୍ନାଇବାକୁ କହିବେ ।

## ଅଭ୍ୟାସ

୧. ତଳେ ଦିଆଯାଇଥିବା ଜିନିଷଗୁଡ଼ିକ ମଧ୍ୟରୁ ଯେଉଁଗୁଡ଼ିକ ପ୍ରାକୃତିକ ସେଗୁଡ଼ିକୁ ଗୋଲ ଭିତରେ ଓ ଯେଉଁଗୁଡ଼ିକ କୃତ୍ରିମ ସେଗୁଡ଼ିକୁ ବାକ୍‌ସ ଭିତରେ ଲେଖ ।

ଅଟା, ଆଖୁ, ଚିନି, ମାଟି, ବହି, ଖାତା, ବାଲି, ସିମେଣ୍ଟ, ସୁନାହାର, ଆମ୍ବଗଛ, ଟେବୁଲ, ସ୍କେଲ୍, ସୂର୍ଯ୍ୟ, ଚନ୍ଦ୍ର, ତାରା, କପ୍, ପବନ, ପାଣି, ଖଟ, କୁକୁର, ମଟର, ଦର୍ପଣ, ଝରକା, କବାଟ

୨. ତୁମ ଘରେ, ବାହାରେ ଓ ବିଦ୍ୟାଳୟରେ ଦେଖୁଥିବା ଜିନିଷଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକ କୃତ୍ରିମ ଓ କେଉଁଗୁଡ଼ିକ ପ୍ରାକୃତିକ ତଳେ ଲେଖ ।

| କୃତ୍ରିମ | ପ୍ରାକୃତିକ |
|---|---|
| | |

**୩. ଗୋଟିଏ ମନୁଷ୍ୟକୃତ ଓ ଗୋଟିଏ ପ୍ରାକୃତିକ ଜିନିଷର ଚିତ୍ର କର ।**

| | |
|---|---|
| | |

# ଜୀବ ନିର୍ଜୀବ

ତୁମେ ବିଭିନ୍ନ ସ୍ଥାନରେ ଦେଖୁଥିବା ଜିନିଷଗୁଡ଼ିକର ତାଲିକା କର।

| ଶ୍ରେଣୀ ଭିତରେ | ବିଦ୍ୟାଳୟ ଭିତରେ | ଘରେ | ରାସ୍ତାରେ | ତୁମ ପରିବେଶରେ |
|---|---|---|---|---|
| | | | | |

- ଏମାନଙ୍କ ଭିତରୁ କେଉଁଗୁଡ଼ିକ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ନିଜେ ଯାଇପାରନ୍ତି ତଳେ ଲେଖ।

________ ________ ________ ________ ________


________ ________ ________ ________ ________

- କେଉଁଗୁଡ଼ିକ ନିଜେ ଯାଇପାରନ୍ତି ନାହିଁ ତଳେ ଲେଖ।

________ ________ ________ ________ ________

________ ________ ________ ________ ________

**ତଳ ଚିତ୍ରକୁ ଦେଖ, ଏମାନଙ୍କ ମଧ୍ୟରୁ କେଉଁଗୁଡ଼ିକ ଚଳପ୍ରଚଳ ହୁଅନ୍ତି ଲେଖ।**



________________________________________

________________________________________

**ଶିକ୍ଷକଙ୍କ ପାଇଁ ସୂଚନା -** ପିଲାମାନେ, କେଉଁମାନେ ଚଳପ୍ରଚଳ ହୁଅନ୍ତି ଲେଖିସାରିଲା ପରେ ସେମାନଙ୍କୁ ବିଭିନ୍ନ ଦଳରେ ବସାଇବେ। ଦଳରେ ଆଲୋଚନା କରି ତାଲିକା ପ୍ରସ୍ତୁତି କରିବେ। ପ୍ରତ୍ୟେକ ଦଳରୁ ଜଣେ ପିଲା ତାଲିକା ପଢ଼ିବେ। ଭୁଲ ଥିଲେ ସଂଶୋଧନ କରାଯିବ।

**ପୂର୍ବ ଚିତ୍ରରୁ କେଉଁଗୁଡ଼ିକ ନିଜେ ନିଜେ ଚଳପ୍ରଚଳ ହୁଅନ୍ତି ଓ କେଉଁଗୁଡ଼ିକ ଅନ୍ୟ ଦ୍ୱାରା ଚଳପ୍ରଚଳ ହୁଅନ୍ତି, ତଳ ସାରଣୀରେ ଲେଖ ।**

| ନିଜେ ନିଜେ ଚଳପ୍ରଚଳ ହୁଅନ୍ତି | ଅନ୍ୟ ଦ୍ୱାରା ଚଳପ୍ରଚଳ ହୁଅନ୍ତି |
|---|---|
| | |

- ଆଉ କେଉଁମାନେ ଅନ୍ୟ ଦ୍ୱାରା ଚଳପ୍ରଚଳ ହୁଅନ୍ତି ତାଲିକା କର ।

___

___

- ତୁମେ ଖାଦ୍ୟ ଖାଅ । ତୁମ କଣ୍ଢେଇକୁ ଖାଇବାକୁ ଦେଲେ ସେ ଖାଏ ନାହିଁ କାହିଁକି ?

___

___

- କେଉଁମାନେ ଖାଦ୍ୟ ଖାଆନ୍ତି, ସେମାନଙ୍କର ନାମ ତଳେ ଲେଖ ।

___

___

**ପରୀକ୍ଷାଟିଏ କର ।**


- ଦୁଇଟି ଛୋଟ ଚାରା ଗଛ ଆଣ ।
- ଗୋଟିଏ ଗଛକୁ ମାଟି ଥିବା ଡବାରେ ଲଗାଇ ପ୍ରତିଦିନ ପାଣି ଦିଅ ।
- ଅନ୍ୟ ଗଛକୁ ଖାଲି ଡବା (ମାଟି ନଥିବା) ରେ ରଖ ଓ ପାଣି ଦିଅ ନାହିଁ ।
- ଦଶ / ବାର ଦିନ ପରେ ପ୍ରତ୍ୟେକ ଡବାର ଗଛକୁ ଲକ୍ଷ୍ୟ କର ।

**କ’ଣ ଦେଖିଲ ଲେଖ ।**

ଏପରି ହେବାର କାରଣ କ’ଣ ଲେଖ ।

**ଆମେ ଜାଣିଲେ,**

**ଗଛ ତାହାର ଖାଦ୍ୟ, ମାଟି ଓ ଜଳରୁ ପାଇଥାଏ । ଏଥିରୁ ଆମେ ଜାଣିଲେ ଗଛ ମଧ୍ୟ ଖାଦ୍ୟ ଖାଏ ।**



- ଉପର ଚିତ୍ରଗୁଡ଼ିକରୁ କ'ଣ ଜାଣିଲ ଲେଖ।

______________________________________________

______________________________________________

______________________________________________

______________________________________________

**ପଶୁ, ପକ୍ଷୀ, ଗଛ, ମଣିଷ ଇତ୍ୟାଦି ଛୋଟରୁ ବଡ଼ ହୁଅନ୍ତି ଅର୍ଥାତ୍ ସେମାନେ ବଢ଼ନ୍ତି।**

• **ତୁମ ଅଞ୍ଚଳରେ କେଉଁମାନେ ଛୋଟରୁ ବଡ଼ ହୋଇଥିବା ଦେଖିଛ ଲେଖ ।**

__________________________________________________________

__________________________________________________________

ମାଈ କୁକୁଡ଼ା ଛୁଆଟି ବଡ଼ ହେଲେ ଅଣ୍ଡା ଦିଏ । ସେହି ଅଣ୍ଡାରୁ ପୁଣି କୁକୁଡ଼ା ଛୁଆ ବାହାରେ । ତୁମ ଜେଜେମା’ ଓ ଜେଜେ ବାପାଙ୍କର ପୁଅ ହେଉଛନ୍ତି ତୁମ ବାପା, ତୁମ ବାପା ମାଆଙ୍କର ପିଲାମାନେ ହେଉଛନ୍ତି ତୁମେ ଏବଂ ତୁମର ଭାଇ ଭଉଣୀ । ଆମ୍ବ ଟାକୁଆକୁ ମାଟିରେ ପୋତିଲେ ସେଥିରୁ ଆମ୍ବଗଛ ହୁଏ । ସେହି ଆମ୍ବଗଛ ବଡ଼ହେଲେ ସେଥିରେ ଆମ୍ବ ଫଳେ । ଏହିଭଳି ଗୋଟିଏ ଆମ୍ବ ଗଛରୁ ଅନେକ ଆମ୍ବଗଛ ହୋଇଥାଏ । କୁକୁଡ଼ା, କୁକୁର, ବିଲେଇ, ମଣିଷ, ଗାଈ, ହାତୀ, ଆମ୍ବଗଛ, କଦଳୀଗଛ, ବାଇଗଣ ଗଛ ଇତ୍ୟାଦି ନିଜର ସଂଖ୍ୟା ବଢ଼େଇଥା’ନ୍ତି । ଅର୍ଥାତ୍, **ନିଜର ବଂଶ ବଢ଼ାଇଥା’ନ୍ତି ।**

**ଆସ, ତଳେ ଦିଆଯାଇଥିବା କାମଗୁଡ଼ିକୁ କରିବା ।**

**କାର୍ଯ୍ୟ - ୧ :** ତୁମେ ତୁମ ବାପା / ମାଆ କିମ୍ବା ବଡ଼ ଭାଇଭଉଣୀଙ୍କ ସହ ଦିନବେଳେ ବାହାରକୁ ଯାଇ ତେନ୍ତୁଳି, ସଜନା, ଚାକୁଣ୍ଡା, ଗେଣ୍ଡୁ, ଅପରାଜିତା ଆଦି ଗଛର ପତ୍ରକୁ ଲକ୍ଷ୍ୟ କର । ପୁଣି ସନ୍ଧ୍ୟାବେଳେ ସୂର୍ଯ୍ୟ ଅସ୍ତ ହେଲା ପରେ ସେହି ଗଛଗୁଡ଼ିକର ପତ୍ରକୁ ଲକ୍ଷ୍ୟ କର । କ’ଣ ପାର୍ଥକ୍ୟ ଦେଖିଲ, ଲେଖ ।

__________________________________________________________

**କାର୍ଯ୍ୟ - ୨ :** ଲାଜକୁଳି ଲତାକୁ ବଡ଼ ଭାଇଭଉଣୀଙ୍କ ସାହାଯ୍ୟରେ ଚିହ୍ନ ଓ ତା ପତ୍ରକୁ ହାତରେ ଛୁଅଁ । କ’ଣ ହେଲା ଦେଖ ଓ ଲେଖ ।

**କାର୍ଯ୍ୟ - ୩ :** ଚାଲୁଥିବା ତେଲୁଣିପୋକକୁ ଛୁଅଁ, କ'ଣ ହେଲା ଦେଖ ଓ ଲେଖ ।

__________________________________________

ଏପରି କାହିଁକି ହେଲା ?

__________________________________________

__________________________________________

ଏଥିରୁ ଆମେ ଜାଣିଲେ -

ତେଲୁଣି ପୋକ ଗୋଲ ହେବା, ଚାକୁଣ୍ଡା ପତ୍ର ବୁଜି ହେବା, ଲାଜକୁଳି ପତ୍ର ବୁଜିହେବାକୁ **ପ୍ରତିକ୍ରିୟା ପ୍ରକାଶ କରିବା** କୁହାଯାଏ ।

- ଆଉ କେଉଁମାନେ ପ୍ରତିକ୍ରିୟା ପ୍ରକାଶ କରନ୍ତି ଓ କେଉଁମାନେ କରନ୍ତି ନାହିଁ, ସେମାନଙ୍କର ତାଲିକା କର ।

| ପ୍ରତିକ୍ରିୟା ପ୍ରକାଶ କରନ୍ତି | ପ୍ରତିକ୍ରିୟା ପ୍ରକାଶ କରନ୍ତି ନାହିଁ |
|---|---|
| | |

- ଆମେ ନାକ ବାଟେ ଶ୍ୱାସକ୍ରିୟା କରୁ । ସେହିଭଳି ପଶୁ, ପକ୍ଷୀ, କୀଟପତଙ୍ଗ ମଧ୍ୟ ଶ୍ୱାସକ୍ରିୟା କରିଥାନ୍ତି । ଆଉ ମଧ୍ୟ ଗଛମାନେ ବି ଶ୍ୱାସକ୍ରିୟା କରନ୍ତି ।
- ଏମାନଙ୍କ ମଧ୍ୟରୁ କେଉଁମାନେ ଶ୍ୱାସକ୍ରିୟା କରନ୍ତି ଓ କେଉଁମାନେ କରନ୍ତି ନାହିଁ, ସେମାନଙ୍କୁ ତଳ ସାରଣୀରେ ଲେଖ ।

କାଉ, କୁକୁର, ମାଛ, ଟେବୁଲ, ଚୌକି, ଧାନଗଛ, ବାଡ଼ି, ଘଡ଼ି, ଡଷ୍ଟର, ପିମ୍ପୁଡି, ଗ୍ଲାସ୍, ଗାଈ, ଝିଣ୍ଟିକା, ପିଜୁଳିଗଛ, ବୋତଲ, ବେଙ୍ଗ, ପ୍ରଜାପତି, ମଟରଗାଡ଼ି, କଣ୍ଢେଇ

| ଶ୍ୱାସକ୍ରିୟା କରନ୍ତି | ଶ୍ୱାସକ୍ରିୟା କରନ୍ତି ନାହିଁ |
|---|---|
| | |

ଆମେ ଜାଣିଲେ –

ମଣିଷ, ପଶୁ, ପକ୍ଷୀ, କୀଟପତଙ୍ଗ ଓ ଗଛଲତା **ଛୋଟରୁ ବଡ଼ ହୁଅନ୍ତି, ଖାଦ୍ୟ ଖାଆନ୍ତି, ଶ୍ୱାସକ୍ରିୟା କରନ୍ତି, ବଂଶ ବଢ଼ାନ୍ତି** ଓ **ପ୍ରତିକ୍ରିୟା ପ୍ରକାଶ କରନ୍ତି।** ଗଛଲତା ବ୍ୟତୀତ ଅନ୍ୟମାନେ **ଚଳପ୍ରଚଳ ହୁଅନ୍ତି।** ଯେଉଁମାନଙ୍କର ଏହି ସବୁ ଲକ୍ଷଣ ଅଛି, ସେମାନଙ୍କୁ ଜୀବ କୁହାଯାଏ। ଯେଉଁ-ଗୁଡ଼ିକ ଛୋଟରୁ ବଡ଼ ହୁଅନ୍ତି ନାହିଁ, ଖାଦ୍ୟ ଖାଆନ୍ତି ନାହିଁ, ଶ୍ୱାସକ୍ରିୟା କରନ୍ତି ନାହିଁ, ବଂଶ ବଢ଼ାନ୍ତି ନାହିଁ, ପ୍ରତିକ୍ରିୟା ପ୍ରକାଶ କରନ୍ତି ନାହିଁ ଓ ନିଜେ ଚଳପ୍ରଚଳ ହୁଅନ୍ତି ନାହିଁ, ସେଗୁଡ଼ିକ **ନିର୍ଜୀବ।**


## ଅଭ୍ୟାସ


୧. ତୁମ ଚାରିପଟେ ଯାହା ସବୁ ଦେଖୁଛ ସେଥିମଧ୍ୟରୁ କେଉଁଗୁଡ଼ିକ ଜୀବ ଓ କେଉଁଗୁଡ଼ିକ ନିର୍ଜୀବ ତଳ ସାରଣୀରେ ଲେଖ।

| ଜୀବ | ନିର୍ଜୀବ |
|---|---|
| | |

୨. ଯେକୌଣସି ଦୁଇଟି ଜୀବ ଓ ଦୁଇଟି ନିର୍ଜୀବ ବସ୍ତୁର ଚିତ୍ର ଅଙ୍କନ କରି ରଙ୍ଗ ଦିଅ।

୩. ତଳଚିତ୍ରରେ ଯେଉଁଗୁଡ଼ିକ ନିର୍ଜୀବ ତା’ ପାଖରେ ଛକି (✗) ପକାଅ।

(କ) 

(ଖ) 

(ଗ) 

(ଘ) 

(ଙ) 

(ଚ) 

(ଛ) 

(ଜ) 

୪. ଗଛକୁ ଆମେ ଜୀବ କାହିଁକି କହିବା ଲେଖ।

୫. ଯେଉଁଟି ଠିକ୍ ଉକ୍ତି ତା'ପାଖରେ (✓) ଚିହ୍ନ ଓ ଯେଉଁଟି ଭୁଲ ଉକ୍ତି ତା' ପାଖରେ (×) ଚିହ୍ନ ଦିଅ ।

(କ) ଜୀବମାନେ ପ୍ରଶ୍ୱାସ ନିଅନ୍ତି ଓ ନିଃଶ୍ୱାସ ଛାଡ଼ନ୍ତି । ( )

(ଖ) ନିର୍ଜୀବମାନେ ନିଜେ ଚଳପ୍ରଚଳ କରନ୍ତି ।( )

(ଗ) ଜୀବମାନେ ଖାଦ୍ୟ ଖାଆନ୍ତି ।( )

(ଘ) ଜୀବମାନେ ଛୋଟରୁ ବଡ଼ ହୁଅନ୍ତି । ( )

(ଙ) ନିର୍ଜୀବମାନେ ଶ୍ୱାସକ୍ରିୟା କରନ୍ତି ।( )

(ଚ) ଜୀବମାନେ ବଂଶ ବଢ଼ାନ୍ତି । ( )


(ଛ) ନିର୍ଜୀବମାନେ ପ୍ରତିକ୍ରିୟା ପ୍ରକାଶ କରନ୍ତି ନାହିଁ । ( )

୬. ରାସ୍ତାରେ ଯାଉଥିବା ସାଇକେଲଟି ଜୀବ ନା ନିର୍ଜୀବ ? କାରଣ ଲେଖ ।

______________________________________________

______________________________________________

______________________________________________



**ତୁମ ପାଇଁ କାମ -**

ତୁମ ଆଖପାଖରେ ଥିବା ଗଛଗୁଡ଼ିକୁ ସୂର୍ଯ୍ୟାସ୍ତ ପରେ ଦେଖ । ସେଥିମଧ୍ୟରୁ କେଉଁଗୁଡ଼ିକର ପତ୍ର ବୁଜି ହୋଇଯାଇଛି ଓ କେଉଁଗୁଡ଼ିକର ପତ୍ର ବୁଜି ହୋଇନାହିଁ ଖାତାରେ ଟିପି ଆଣି ଶ୍ରେଣୀରେ ଆଲୋଚନା କର ।



# ଉଦ୍ଭିଦ ଓ ପ୍ରାଣୀ



- ଉପରେ ଥିବା ଚିତ୍ରଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକ ଉଦ୍ଭିଦ ଓ କେଉଁଗୁଡ଼ିକ ପ୍ରାଣୀ ଅଲଗା କରି ତଳେ ଲେଖ ।

| | |
|---|---|
| ଉଦ୍ଭିଦ | |
| ପ୍ରାଣୀ | |

- ଗାଈ ଓ ଆମ୍ବ ଗଛ ଏକାଭଳି କେଉଁସବୁ କାମ କରନ୍ତି ?

**ଯେପରି :** ଖାଦ୍ୟ ଖାଆନ୍ତି, **ସେହିପରି :** ____________, ______________, ___________

**ପ୍ରାଣୀ ଓ ଉଦ୍ଭିଦ ଉଭୟ ହେଉଛନ୍ତି ଜୀବ ।** ତଥାପି ପ୍ରାଣୀ ଓ ଉଦ୍ଭିଦମାନଙ୍କ ମଧ୍ୟରେ କେତେକ ପାର୍ଥକ୍ୟ ରହିଛି । ସେଗୁଡ଼ିକ କ'ଣ ? ଆସ ଜାଣିବା ।

- ତୁମ ଶରୀରରେ କ'ଣ କ'ଣ ଅଙ୍ଗ ଅଛି ଯାହା କୌଣସି ଗଛରେ ନାହିଁ ?

  ଯେପରି - ହାତ,

______________________________________________

______________________________________________

- ଗଛର କ'ଣ କ'ଣ ଅଙ୍ଗ ଅଛି ଯାହା ତୁମ ଶରୀରରେ ନାହିଁ ?

  ଯେପରି - ପତ୍ର

______________________________________________

______________________________________________

ଏଥିରୁ ଆମେ ଜାଣିଲେ, ଉଦ୍ଭିଦ ଓ ପ୍ରାଣୀମାନଙ୍କର ଶରୀରର ଅଙ୍ଗଗୁଡ଼ିକ ଅଲଗା ଅଲଗା । ଏଣୁ ଉଦ୍ଭିଦ ଓ ପ୍ରାଣୀର ଶରୀର ଗଠନରେ ପାର୍ଥକ୍ୟ ରହିଛି ।



ଉପରେ ଥିବା ଚିତ୍ର ଦେଖି କେଉଁମାନେ ଗୋଟିଏ ଜାଗାରୁ ଆଉ ଗୋଟିଏ ଜାଗାକୁ ଯାଇପାରନ୍ତି ଓ କେଉଁମାନେ ଯାଇପାରନ୍ତି ନାହିଁ ତଳ କୋଠରିରେ ଲେଖ ।

| ଯାଇପାରନ୍ତି | ଯାଇପାରନ୍ତି ନାହିଁ |
| --- | --- |
| | |

ଏଥିରୁ ଆମେ ଜାଣିଲେ, ପ୍ରାଣୀମାନେ ଗୋଟିଏ ଜାଗାରୁ ଆଉ ଗୋଟିଏ ଜାଗାକୁ ଯାଇପାରନ୍ତି । **ପ୍ରାଣୀମାନଙ୍କର ଚଳନ ଶକ୍ତି ଅଛି ।**

ଛୋଟ ଚାରା ଗଛଟିଏ ଯେଉଁଠି ଲଗାଇବା, ତାହା ସେହିଠାରେ ହିଁ ବଢ଼ିଥାଏ। କଲରା ବା କଖାରୁ ଗଛ ଯେଉଁଠାରେ ଲଗାଇବା, ତାହାର ମୂଳ ସେହିଠାରେ ମାଟି ଭିତରେ ରହିଥାଏ। ଏହାର ଡଙ୍କ ଲମ୍ବିଯାଇଥାଏ। ମୂଳ ନିଜର ସ୍ଥାନ ବଦଳାଏ ନାହିଁ। ଏଣୁ **ଉଦ୍ଭିଦମାନେ** ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ଯାଇପାରନ୍ତି ନାହିଁ।

**ଏଥିରୁ ଆମେ ଜାଣିଲେ, ଉଦ୍ଭିଦମାନଙ୍କର ଚଳନ ଶକ୍ତି ନାହିଁ ।**

ତଳ ସାରଣୀ ପୂରଣ କର।

| ଆମେ ଖାଉଥିବା ଖାଦ୍ୟ | କାହାଠାରୁ ମିଳେ ? ପ୍ରାଣୀ / ଉଦ୍ଭିଦ |
|---|---|
| ଯେପରି - ଭାତ | ଉଦ୍ଭିଦ |
| ରୁଟି | |
| ଡାଲି | |
| ପରିବା ତରକାରି | |
| ଫଳ | |
| ମାଛ ତରକାରି | |
| ମାଂସ ତରକାରି | |
| ଦୁଧ | |
| ଚିନି | |
| ଘିଅ | |

ତେବେ ଆମେ ଖାଉଥିବା ଖାଦ୍ୟ କାହା କାହାଠାରୁ ପାଉଛୁ ? ସାଙ୍ଗମାନଙ୍କ ସହିତ ଆଲୋଚନା କର।

ଆମେ ଆମ ଖାଦ୍ୟ ଉଦ୍ଭିଦ ଓ କେତେକ ପ୍ରାଣୀ (ମାଛ, ଛେଳି, କୁକୁଡ଼ା ଇତ୍ୟାଦି)ଙ୍କ ଠାରୁ ପାଉଛୁ । କିନ୍ତୁ କହିଲ ଦେଖି, ମାଛ, ଛେଳି, କୁକୁଡ଼ା ଇତ୍ୟାଦି ପ୍ରାଣୀ ତାଙ୍କର ଖାଦ୍ୟ କାହାଠାରୁ ପାଆନ୍ତି ? ଆମେ ଆମର କେତେକ ଖାଦ୍ୟ ପ୍ରତ୍ୟକ୍ଷ ଭାବେ ଉଦ୍ଭିଦଠାରୁ ପାଉ । ଆଉ କେତେକ ଖାଦ୍ୟ (ମାଛ, ମାଂସ, ଅଣ୍ଡା ଇତ୍ୟାଦି) ପରୋକ୍ଷ ଭାବେ ମଧ୍ୟ ଉଦ୍ଭିଦଠାରୁ ପାଉ । ଯେପରି ଛେଳି ଗଛପତ୍ର ଖାଏ । ଛେଳି ମାଂସକୁ ଆମେ ଖାଉ । କିନ୍ତୁ ଉଦ୍ଭିଦ ତାହାର ଖାଦ୍ୟ କେଉଁଠାରୁ ପାଏ ? ଉଦ୍ଭିଦ ତାହାର ନିଜର ଖାଦ୍ୟ ପତ୍ରରେ ପ୍ରସ୍ତୁତ କରିଥାଏ । ଉଦ୍ଭିଦ ମାଟିରୁ ଜଳ ଓ ଲବଣ ଶୋଷଣ କରି ପତ୍ରକୁ ଦିଏ । ପତ୍ର ତାହାକୁ ସୂର୍ଯ୍ୟାଲୋକରେ ବାୟୁରୁ ଅଙ୍ଗାରକାମ୍ଳ ବାଷ୍ପ ନେଇ ଖାଦ୍ୟରେ ପରିଣତ କରେ ।

**ଏଥିରୁ ଆମେ ଜାଣିଲେ, ଉଦ୍ଭିଦ ନିଜର ଖାଦ୍ୟ ନିଜେ ପ୍ରସ୍ତୁତ କରିପାରେ । କିନ୍ତୁ ପ୍ରାଣୀମାନେ ନିଜର ଖାଦ୍ୟ ପାଇଁ ଉଦ୍ଭିଦ ଉପରେ ନିର୍ଭର କରନ୍ତି ।**

## ଅଭ୍ୟାସ


୧. ନିମ୍ନଲିଖିତ ଲକ୍ଷଣଗୁଡ଼ିକ ମଧ୍ୟରୁ ଯେଉଁଗୁଡ଼ିକ କେବଳ ପ୍ରାଣୀମାନଙ୍କର ଲକ୍ଷଣ ସେଗୁଡ଼ିକ ○ ରେ, ଯେଉଁଗୁଡ଼ିକ କେବଳ ଉଦ୍ଭିଦମାନଙ୍କର ଲକ୍ଷଣ ତାକୁ △ ରେ ଓ ଯେଉଁଗୁଡ଼ିକ ଉଭୟଙ୍କର ଲକ୍ଷଣ ସେଗୁଡ଼ିକୁ □ ରେ ଲେଖ।

**ବଂଶ ବଢ଼ାଇବା, ଖାଦ୍ୟ ଖାଇବା, ନିଜ ଦେହରେ ନିଜ ଖାଦ୍ୟ ପ୍ରସ୍ତୁତ କରିବା, ଶ୍ୱାସକ୍ରିୟା କରିବା, ଚଳପ୍ରଚଳ ହେବା, ଛୋଟରୁ ବଡ଼ ହେବା, ପ୍ରତିକ୍ରିୟା ପ୍ରକାଶ କରିବା, ଶୁଣି ପାରିବା, ଶୁଙ୍ଘି ପାରିବା, ଦେଖି ପାରିବା, ପତ୍ର-ଫୁଲ-ଫଳ ହେବା, ପିଲା ଜନ୍ମ କରିବା, ଅଣ୍ଡା ଦେବା।**

# ଉଦ୍ଭିଦର ବିଭିନ୍ନ ଅଂଶ

ଶିକ୍ଷକଙ୍କ ସହ ତୁମ ବିଦ୍ୟାଳୟର ବଗିଚା କିମ୍ବା ନିକଟରେ ଥିବା ଗୋଟିଏ ବଗିଚାକୁ ଯାଅ। ସେଠାରେ ତୁମେ ଯେଉଁ ଗଛକୁ ଚିହ୍ନିପାରୁଛ, ସେଗୁଡ଼ିକର ନାମ ଲେଖ। ଶ୍ରେଣୀଗୃହକୁ ଫେରି ତୁମେ ଯେ କୌଣସି ଗୋଟିଏ ଗଛର ଚିତ୍ର କର। ଚିତ୍ରରେ ରଙ୍ଗ ଦିଅ ଓ ତା'ର ବିଭିନ୍ନ ଅଂଶର ନାମ ଲେଖ।

- ସାଙ୍ଗର ଖାତା ତୁମେ ଦେଖ। ତୁମ ଖାତା ତୁମ ସାଙ୍ଗକୁ ଦେଖାଅ।
- ତୁମ ସାଙ୍ଗ କରିଥିବା ଗଛରେ ଯେଉଁ ଅଂଶଟି ନାହିଁ ତାହା ଲେଖ। ଠିକ ସେହିପରି ତୁମେ କରିଥିବା ଗଛରେ କେଉଁ ଅଂଶଟି ନାହିଁ, ତାହା ଚିହ୍ନଟ କରିବାକୁ ସାଙ୍ଗକୁ କହ।
- ତଳେ ଦିଆଯାଇଥିବା ଚିତ୍ରରେ ଗଛକୁ ଚିହ୍ନି ନାମକରଣ କର। ଏହାର ବିଭିନ୍ନ ଅଂଶଗୁଡ଼ିକର ନାମ ଲେଖ।



**ଶିକ୍ଷକଙ୍କ ପାଇଁ ସୂଚନା -**

ପିଲାମାନଙ୍କୁ ନେଇ ବିଦ୍ୟାଳୟରେ କିମ୍ବା ନିକଟରେ ଥିବା ବଗିଚାକୁ ଯିବେ। ପିଲାମାନଙ୍କୁ ଖାତା, କଲମ ନେଇ ଯିବା ପାଇଁ ସୂଚନା ଦେବେ।

ପୂର୍ବ ଚିତ୍ରକୁ ଦେଖି କିଏ କେଉଁଠି ଥାଏ ଲେଖ ।

ମାଟିତଳେ ଥାଏ

ମୂଳ
ଫୁଲ
ଫଳ
କାଣ୍ଡ
ଶାଖା ଚେ଼ର

ମାଟି ଉପରେ ଥାଏ

ଗଛର ଯେଉଁ ଅଂଶଟି ମାଟି ତଳେ ଥାଏ, ତାହା ହେଉଛି ମୂଳ ବା ଚେର । ମୂଳରୁ ଯେଉଁ ସରୁ ସରୁ ଶାଖା ପ୍ରଶାଖା ବାହାରିଛି, ସେଗୁଡ଼ିକୁ ଶାଖା ଚେର କୁହାଯାଏ । ଗଛର ମାଟି ଉପର ଅଂଶଗୁଡ଼ିକ ହେଉଛି ଗଣ୍ଡି ବା କାଣ୍ଡ, ଡାଳ, ଫୁଲ ଓ ଫଳ ।

ଗୋଟିଏ ଲଙ୍କାଗଛ ଓ ଘାସ ବା ଧାନ ଗଛ ଉପାଡ଼ି ଆଣ । ସେହି ଘାସ ବା ଧାନ ଗଛର ଚେର ଓ ଲଙ୍କା ଗଛର ଚେରକୁ ଭଲଭାବେ ଲକ୍ଷ୍ୟକର । ତଳ କୋଠରିରେ ଉଭୟ ଗଛର ଚେରର ଚିତ୍ର କର ।

| | |
|---|---|
| | |

ଉଭୟ ଗଛର ଚେରରେ କି ପାର୍ଥକ୍ୟ ଅଛି ଲକ୍ଷ୍ୟ କର ଓ ତଳେ ଲେଖ ।

_______________________________________________

_______________________________________________

ଗଛର କାଣ୍ଡରୁ ଯେଉଁ ଅଂଶ ମାଟି ତଳକୁ କ୍ରମେ କ୍ରମେ ସରୁ ହୋଇଥାଏ, ତାହାକୁ **ପ୍ରଧାନ ମୂଳ** କୁହାଯାଏ ଏବଂ ଗଛର ପ୍ରଧାନ ମୂଳ ନ ଥାଇ ଯେଉଁ ସରୁ ସରୁ ଚେର ବାହାରି ଥାଏ ତାହାକୁ **ଗୁଚ୍ଛ ମୂଳ** କୁହାଯାଏ ।

ଚିତ୍ର ଦେଖି ଖାଲି ଘରେ ମୂଳର ନାମ ଲେଖ ।









ତଳେ କେତୋଟି ପ୍ରଧାନମୂଳ ଥିବା ଗଛ ଓ ଗୁଚ୍ଛମୂଳ ଥିବା ଗଛର ନାମ ଲେଖ ।

| ପ୍ରଧାନ ମୂଳ ଥିବା ଗଛ | ଗୁଚ୍ଛମୂଳ ଥିବା ଗଛ |
|---|---|
| ଯେପରି - ଆମ୍ବ ଗଛ | ଧାନ ଗଛ |

ଦୁଇଟି ଗଛର ପତ୍ର ସଂଗ୍ରହ କର। ପ୍ରତ୍ୟେକ ପତ୍ରକୁ ତଳ ଖାଲି ଜାଗାରେ ରଖି ତା'ର ଧାରରେ ପେନ୍‌ସିଲ୍‌ରେ ଗାର ଟାଣ। ତୁମେ ଆଙ୍କିଥିବା ପ୍ରତ୍ୟେକ ପତ୍ରର ଭିତର ଅଂଶରେ ରଙ୍ଗ ଦିଅ ଓ ଚିତ୍ର ତଳେ ପତ୍ରର ନାମ ଲେଖ।

| | |
|---|---|
| | |


- ପ୍ରତ୍ୟେକ ପତ୍ରର ରଙ୍ଗ ଓ ଧାରକୁ ଲକ୍ଷ୍ୟ କର।
- ପତ୍ରର ଅଗ୍ରଭାଗକୁ ଲକ୍ଷ୍ୟ କର।
- ପ୍ରତ୍ୟେକ ପତ୍ରର ଆକୃତି କିପରି ହୋଇଛି ଲକ୍ଷ୍ୟ କର ।

**ଆମେ ଜାଣିଲେ, ଅଧିକାଂଶ ପତ୍ରର ରଙ୍ଗ ସବୁଜ। ପତ୍ରର ଆକୃତି ଭିନ୍ନ ଭିନ୍ନ।**

ବିଭିନ୍ନ ଆକୃତିର ପତ୍ରର ନାମ ଲେଖ।

| ଲମ୍ୱା ଓ ସରୁ ପତ୍ର | ଲମ୍ୱା ଓ ଚଉଡ଼ା ପତ୍ର | ଅଣ୍ଡାକାର ପତ୍ର | ବୃତ୍ତାକାର ପତ୍ର |
|---|---|---|---|
| ଘାସ | କଦଳୀ | ବର | ପଦ୍ମ |

ବିନ୍ଦୁଗୁଡ଼ିକୁ ଯୋଡ଼, ନାମ ଦିଅ, ରଙ୍ଗ କର ।



ରଙ୍ଗ ଅନୁସାରେ କେତେକ ଫୁଲର ନାମ ଲେଖ ।

| ରଙ୍ଗ | ଫୁଲର ନାମ | ରଙ୍ଗ | ଫୁଲର ନାମ |
|---|---|---|---|
| ଧଳା | | ହଳଦିଆ | |
| ନାଲି | | କମଳା | |
| ଗୋଲାପି | | ନୀଳ | |

ଫୁଲ ନ ଥିବା କେତେକ ଗଛର ନାମ ଲେଖ ।

ଫଳର ରଙ୍ଗ ଓ ଆକୃତି ତଳ ସାରଣୀରେ ଲେଖ ।

| ଫଳର ନାମ | ରଙ୍ଗ | ଆକୃତି |
|---|---|---|
| କଞ୍ଚା କମଳା | ସବୁଜ | ଗୋଲ |
| | | |
| | | |
| | | |
| | | |
| | | |
| | | |

ଚିତ୍ର ଦୁଇଟିରେ କ'ଣ ଦେଖୁଛ ତଳ ସାରଣୀରେ ଲେଖ।





| ଫଳର ନାମ | ମଞ୍ଜିର ଆକାର କିପରି ? | କେତୋଟି ମଞ୍ଜି ଅଛି ? |
|---|---|---|
| ଆମ୍ବ | | |
| ମଟର | | |

ଏହିପରି ତୁମ ପରିବେଶରେ ମିଳୁଥିବା ଅନ୍ୟ ଫଳଗୁଡ଼ିକର ନାମ ଲେଖ।

(କ) ଯେଉଁଥିରେ ଗୋଟିଏ ମଞ୍ଜି ଥାଏ - ________________

(ଖ) ଯେଉଁଥିରେ ଅନେକ ମଞ୍ଜି ଥାଏ - ________________

## ଅଭ୍ୟାସ

୧. ବାଇଗଣ, ଆମ୍ବ, ବର, ଆଖୁ, ପଣସ, ମନ୍ଦାର, ଗୋଲାପ, ଗେଣ୍ଡୁ, ଟଗର, ଲଙ୍କା, ଭେଣ୍ଡି, ଗହମ, ମକା – ଗଛଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକରେ **ପ୍ରଧାନ ମୂଳ** ଥାଏ ଓ କେଉଁଗୁଡ଼ିକରେ **ଗୁଚ୍ଛ ମୂଳ** ଥାଏ, ତଳ ସାରଣୀରେ ଲେଖ ।

| ପ୍ରଧାନ ମୂଳ ଥିବା ଗଛ | ଗୁଚ୍ଛ ମୂଳ ଥିବା ଗଛ |
|---|---|
| | |

୨. କେତୋଟି ଶାଖା ପ୍ରଶାଖା ଥିବା ଗଛ ଓ ଶାଖା ପ୍ରଶାଖା ନ ଥିବା ଗଛର ନାମ ଲେଖ ।

| ଶାଖା ପ୍ରଶାଖା ଥିବା ଗଛ | ଶାଖା ପ୍ରଶାଖା ନ ଥିବା ଗଛ |
|---|---|
| | |

୩. ତୁମ ପରିବେଶରୁ ବିଭିନ୍ନ ପ୍ରକାରର ପତ୍ର ସଂଗ୍ରହ କର । ସେଗୁଡ଼ିକୁ ଅଠାରେ ତୁମ ଖାତାରେ ଲଗାଅ । ପ୍ରତ୍ୟେକ ପତ୍ର ତଳେ ତା'ର ନାମ ଲେଖି ଔଷଧୀୟ ଗୁଣ କିଛି ଅଛି କି ନାହିଁ, ଶିକ୍ଷକ କିମ୍ବା ବଡ଼ମାନଙ୍କଠାରୁ ବୁଝି ଲେଖ ।

୪. ସେ କିଏ ?

- ବଡ଼ ଗଛରେ ଛୋଟ ଫଳ ______________________
- ଗଛ ନହକା, ପତର ବଙ୍କା

  ତା ଫଳ ବିକାଏ ମୁଠାଏ ଟଙ୍କା ______________________

# ଉଦ୍ଭିଦର ଶ୍ରେଣୀ ବିଭାଗ

- ପରିବେଶରେ ତୁମେ ଯେଉଁସବୁ ଗଛଲତା ଦେଖୁଛ, ସେଗୁଡ଼ିକର ନାମ ତଳେ ଲେଖ ।

- ସେଗୁଡ଼ିକ ମଧ୍ୟରୁ ତୁମକୁ ଏକାଭଳିଆ ଲାଗୁଥିବା ଗଛଗୁଡ଼ିକୁ ନେଇ ଅଲଗା ଅଲଗା ଭାବରେ ସଜାଇ ତଳେ ଲେଖ ।

- ତୁମେ କେଉଁ କାରଣରୁ ଏପରି ସଜାଇଲ ଲେଖ ।



- ଚିତ୍ରରେ ଥିବା ଗଛଗୁଡ଼ିକୁ ନିମ୍ନରେ ଦିଆଯାଇଥିବା ବିଭାଗ ଅନୁସାରେ ସଜାଇ ଲେଖ ।

| ଲତା | ସାନଗଛ ବା ଗୁଳ୍ମ | ବୁଦାଳିଆ ଗଛ | ବଡ଼ଗଛ | ଡାଳ ଶାଖାଥିବା ଗଛ | ଡାଳ, ଶାଖା ନଥିବା ଗଛ |
|---|---|---|---|---|---|
| | | | | | |

- ତୁମେ ଜାଣିଥିବା ଆଉ କେତେକ ଗଛର ନାମ ବିଭାଗ ଅନୁସାରେ ସାରଣୀରେ ଲେଖ ।

ଆମ୍ବଗଛ ଓ କଖାରୁ ଗଛ ମଧ୍ୟରୁ କେଉଁ ଗଛର କାଣ୍ଡ ଦୁର୍ବଳ ?

କେଉଁ ଗଛଟି ନିଜେ ସିଧା ଠିଆ ହୋଇ ରହିଛି ?

ଉଭୟ ଗଛର କାଣ୍ଡରେ କି ପାର୍ଥକ୍ୟ ଦେଖୁଛ, ଲେଖ ।

---

---

ଏଥିରୁ ଜାଣିଲେ, କେତେକ ଗଛର କାଣ୍ଡ ଦୁର୍ବଳ ଓ କେତେକ ଗଛରର କାଣ୍ଡ ସବଳ ।

କେତେଗୁଡ଼ିଏ ଗଛର କାଣ୍ଡରୁ **ଶାଖା ପ୍ରଶାଖା ବାହାରିଥାଏ ।** ତାହାକୁ **ଡାଳ** କୁହାଯାଏ । ଆଉ କେତେଗୁଡ଼ିଏ ଗଛରେ **ଶାଖା ପ୍ରଶାଖା ନଥାଏ ।**

ଧାନ, ବିରି, ବର, ମକା, ମାଣ୍ଡିଆ, ଆମ୍ବ, ବାଇଗଣ, ଲଙ୍କା,ଅଶ୍ୱତ୍‌ଥ, ଗେଣ୍ଡୁ, ହରଗୌରା, ମନ୍ଦାର, କଲରା, ମୁଗ, ପଣସ, ଜାମୁ, ପିଜୁଳି, କଖାରୁ, ଗୋଲାପ, କଦଳୀ, ଆଳୁ, ସାରୁ, ଲାଉ, ଗହମ, ଶାଗୁଆନ, ଚିନାବାଦାମ, ଟଗର - ଗଛଗୁଡ଼ିକୁ ପରପୃଷ୍ଠାରେ ଦିଆଯାଇଥିବା ସାରଣୀ ଦୁଇଟିରେ ସଜାଇ ଲେଖ ।

| ଲତା | ସାନଗଛ ବା ଗୁଳ୍ମ | ବୁଦାଳିଆଗଛ | ବଡ଼ ଗଛ | ଡାଳ / ଶାଖାଥିବା ଗଛ | ଡାଳ / ଶାଖା ନ ଥିବା ଗଛ |
|---|---|---|---|---|---|
| | | | | | |

| ଏକ ବର୍ଷରୁ କମ୍ ସମୟ ବଞ୍ଚୁଥିବା ଗଛ | ଦୁଇ / ତିନି ବର୍ଷ ବଞ୍ଚୁଥିବା ଗଛ | ବହୁତ ବର୍ଷ ବଞ୍ଚୁଥିବା ଗଛ |
|---|---|---|
| | | |

ଉପର ସାରଣୀଗୁଡ଼ିକରୁ ଆମେ କ'ଣ ଜାଣିଲେ ଲେଖ ।

______________________________

______________________________

**ଏଠାରେ ଆମେ ଗଛଗୁଡ଼ିକୁ, ସେଗୁଡ଼ିକର ଆକାର ଏବଂ ବଞ୍ଚିବା ସମୟ ଅନୁଯାୟୀ ଶ୍ରେଣୀ ବିଭାଗ କଲେ ।**

ତୁମେ ଯେଉଁ ପନିପରିବା / ଫଳ ଖାଉଛ ସେ ସବୁ ବର୍ଷସାରା ମିଳେ କି ? କାହିଁକି ମିଳେ ନାହିଁ, ଲେଖ ।

_______________________________________________

_______________________________________________

କେଉଁ ଋତୁରେ କେଉଁ ଫୁଲ / ଫଳ / ପନିପରିବା ଅଧିକ ହୁଏ, ତାଲିକା କର ।

| ଋତୁ | ଫଳ | ଫୁଲ | ପନିପରିବା | ଫସଲ |
|---|---|---|---|---|
| ଗ୍ରୀଷ୍ମଋତୁ | | | | |
| ବର୍ଷାଋତୁ | | | | |
| ଶୀତଋତୁ | | | | |

ଏଥିରୁ ଆମେ କ'ଣ ଜାଣିଲେ ?

**ଋତୁ ଅନୁଯାୟୀ ଫଳ, ଫୁଲ, ପନିପରିବା ଓ ଫସଲ ହୁଏ ।**

**ଶିକ୍ଷକଙ୍କ ପାଇଁ ସୂଚନା -** ଗଛର ଆକାର, ବଞ୍ଚିବା ସମୟ ଏବଂ ଋତୁ ଅନୁଯାୟୀ ବିଭିନ୍ନ ପ୍ରକାର ଗଛ ଦେଖିବାକୁ ମିଳିଥାଏ ବୋଲି ପିଲାଙ୍କ ଦ୍ୱାରା ଆଲୋଚନା କରାଇବେ ।

# ଅଭ୍ୟାସ

୧. ପ୍ରତ୍ୟେକରୁ ଚାରୋଟି ଲେଖାଏଁ ଉଦାହରଣ ଦିଅ ।

ବଡ଼ଗଛ ____________, ____________, ____________, ____________

ସାନଗଛ ____________, ____________, ____________, ____________

ବୁଦାଳିଆଗଛ ____________, ____________, ____________, ____________

ଲତା ଜାତୀୟଗଛ ____________, ____________, ____________, ____________

ଡାଳ ନ ଥିବା ଗଛ ____________, ____________, ____________, ____________

୨. ଲଙ୍କାଗଛ ଓ କଲରାଗଛ ମଧ୍ୟରେ ଥିବା ପାର୍ଥକ୍ୟ ଲେଖ ।

| ଲଙ୍କାଗଛ | କଲରାଗଛ |
|---|---|
| | |

୩. ବର୍ଷସାରା ଆମ୍ବ ଫଳେ ନାହିଁ କାହିଁକି ?

________________________________________________

________________________________________________

୪. ଗୋଟିଏ କଦଳୀ ଗଛର ଚିତ୍ର କରି ତାହାର ଫୁଲ, ଫଳ, ପତ୍ର ଓ କାଣ୍ଡ ଦେଖାଅ ।

୫. ପଚାରି ବୁଝ ଓ ଉତ୍ତର ଖାଲି ଘରେ ଲେଖ ।

(କ) କେଉଁ ଗଛରେ କେବଳ ଥରେ ଫଳ ହୁଏ ? ☐

(ଖ) ସବୁଠୁ ବଡ଼ ଘାସଗଛର ନାମ କ'ଣ ? ☐

(ଗ) ତୁମ ଅଞ୍ଚଳରେ ଥିବା ଗଛମାନଙ୍କ ମଧ୍ୟରୁ କେଉଁଟି ବହୁ ବର୍ଷ ହେଲା ଅଛି ? ☐

# ପଶୁପକ୍ଷୀଙ୍କ ଖାଦ୍ୟାଭ୍ୟାସ

ବାଘ ମାମୁର ବାହାଘର । ସବୁ ପଶୁପକ୍ଷୀଙ୍କୁ ନିମନ୍ତ୍ରଣ ହୋଇଛି । ଘୋଷଣା ହୋଇଛି, ସେହିଦିନ ପାଇଁ କୌଣସି ଜୀବଜନ୍ତୁଙ୍କ ମଧ୍ୟରେ କିଛି ଶତ୍ରୁତା ରହିବ ନାହିଁ ।

ମହାରାଜ ବାଘ ସ୍ୱୟଂ ଦରବାରରେ ବିଜେ ହୋଇଛନ୍ତି । ପାଖରେ ଭାଲୁ, ବିଲୁଆ, ହାତୀ ପ୍ରଭୃତି ଉପସ୍ଥିତ । ଭାଲୁ ତାଙ୍କର ଭୋଜି ଆୟୋଜନ କଥା ଜଣାଇ କହିଲା– ''ମହାରାଜ ! ଭୋଜି ପାଇଁ ମୁଁ ସହରୀ ବ୍ୟବସ୍ଥା କରିଛି । ପଲଉ, ମାଂସ, କ୍ଷୀରି, ଡାଲି, ଛେନା ତରକାରୀ, ଖଟା, ଭଜା, ମାଛ, ମିଠା ପ୍ରଭୃତିର ବ୍ୟବସ୍ଥା ହୋଇଛି ।'' ଭାଲୁର ଖାଦ୍ୟ ତାଲିକା ଶୁଣି ବିଲୁଆ ମୁହଁ ମୋଡ଼ି ଦେଲା ।

ବାଘ ମାମୁଁ ଜାଣେ, ବିଲୁଆ ବଡ଼ ଚତୁର । ଏଣୁ ତା' ଆଡ଼କୁ ଚାହିଁ ପଚାରିଲା, ''କିହୋ ! ତମେ କ'ଣ କହୁଛ, ଭଲ ହେବଟି ?''

ବିଲୁଆ କହିଲା– ''ମହାରାଜ, କଥାରେ ଅଛି – ନିଜ ରୁଚି ଭୋଜନ । ଆମ ରାଇଜରେ ଏସବୁ ମଣିଷର ଭୋଜନ ପସନ୍ଦ ନୁହେଁ । ସମସ୍ତଙ୍କର ଖାଦ୍ୟ ଅଲଗା ଅଲଗା । ହାତୀ ପାଇଁ ଡାଳ ତ କୁକୁର ପାଇଁ ମାଂସ । ଆମର ଖାଇବା ଅଭ୍ୟାସ ବି ସମସ୍ତଙ୍କର ସମାନ ନୁହେଁ । କିଏ ପାରା ଭଳି ଖୁଣ୍ଟି ଖୁଣ୍ଟି ଖାଏ ତ କିଏ ଗାଈ ଭଳି ପାକୁଳି କରେ । ଏଣୁ ଖାଦ୍ୟ ବ୍ୟବସ୍ଥା ଜୀବଜନ୍ତୁଙ୍କ ପସନ୍ଦ ମୁତାବକ କରାଯାଉ ।''

ବାଘ ମାମୁଁଙ୍କୁ କଥାଟି ପସନ୍ଦ ହେଲା । ବିଲୁଆକୁ ସାବାସି ଦେଲେ । ସମସ୍ତେ ମିଳିମିଶି ଭୋଜିର ଆୟୋଜନ କଲେ । ବାହାଘର ପରେ ସମସ୍ତେ ଏକାଠି ବସି ଭୋଜି ଖାଇଲେ ।



ଆସ, ଏବେ କେଉଁମାନେ ତଳ ଲିଖିତ ଖାଦ୍ୟ ଖାଆନ୍ତି ଲେଖିବା ।

| ଗଛପତ୍ର, କୁଣ୍ଡା, ଦାନା ଫଳ, ଘାସ | ପଶୁପକ୍ଷୀଙ୍କ ମାଂସ, ମାଛ କୀଟ ପତଙ୍ଗ | ଉଭୟ ଗଛପତ୍ର, ଫଳ, ମାଂସ, ମାଛ |
|---|---|---|
| | | |

ଯେଉଁ ପ୍ରାଣୀମାନେ ନିଜର ଖାଦ୍ୟ ପାଇଁ କେବଳ ଉଦ୍ଭିଦ ଉପରେ ନିର୍ଭର କରନ୍ତି ସେମାନଙ୍କୁ **ତୃଣଭୋଜୀ,** ଯେଉଁ ପ୍ରାଣୀମାନେ କେବଳ ଅନ୍ୟ ପ୍ରାଣୀମାନଙ୍କୁ ଖାଆନ୍ତି ସେମାନଙ୍କୁ **ମାଂସଭୋଜୀ** ବା **ମାଂସାଶୀ** ଓ ଯେଉଁ ପ୍ରାଣୀମାନେ ଉଭୟ ଉଦ୍ଭିଦ ଓ ପ୍ରାଣୀମାନଙ୍କୁ ଖାଆନ୍ତି, ସେମାନଙ୍କୁ **ସର୍ବଭୁକ୍** କୁହାଯାଏ ।

ତଳ ସାରଣୀ ପୂରଣ କର ।

| **ପ୍ରାଣୀର ନାମ** | **ସେମାନଙ୍କର ଖାଦ୍ୟ** |
|---|---|
| ଗାଈ, ବଳଦ | ଘାସ, ପାଳ, କୁଣ୍ଡା, ତୋରାଣୀ |
| ବାଘ, ସିଂହ | |
| କୁକୁର, | |
| ସାପ | |
| ମୂଷା | |
| ହାତୀ, ଘୋଡା | |
| ବଗ | |
| ପାରା | |
| କୁକୁଡ଼ା | |
| ଶୁଆ | |

ଗାଈ ପ୍ରଥମେ ଖାଦ୍ୟକୁ ଗିଳିଦିଏ । ପରେ ତାକୁ ପାଟିକୁ କାଢ଼ି **ଚୋବାଇ ଚୋବାଇ** ଖାଇଥାଏ । ଏହାକୁ **ପାକୁଳି କରିବା** କହୁ । କେତେକ ପକ୍ଷୀ **ଖୁଣ୍ଟି ଖୁଣ୍ଟି** ଖାଆନ୍ତି । କେତେକ ପଶୁ **ଚାକୁ ଚାକୁ** କରି ଖାଆନ୍ତି, କେତେକ **ଚାଟି ଚାଟି** କରି ଖାଆନ୍ତି । ତୁମେ ତମ ଅଞ୍ଚଳର ପଶୁପକ୍ଷୀଙ୍କୁ ଦେଖ, ସେମାନେ କିପରି ଓ କ'ଣ କ'ଣ ଖାଉଛନ୍ତି ଲକ୍ଷ୍ୟ କରି ତଳ ସାରଣୀରେ ଲେଖ ।

| ଖାଦ୍ୟାଭ୍ୟାସ | ପଶୁପକ୍ଷୀଙ୍କ ନାମ |
|---|---|
| ଖୁଣ୍ଟି ଖୁଣ୍ଟି | ପାରା, |
| ଥଣ୍ଟରେ ଟିକି ଟିକି କରି | ଶୁଆ, |
| ପାକୁଳି କରି | ଗାଈ, |
| ଚାକୁ ଚାକୁ କରି | କୁକୁର, |
| ଜିଭରେ ଚାଟି ଚାଟି | ବିଲେଇ, |
| ଚୋବାଇ ଚୋବାଇ | ମଣିଷ, |

## ଅଭ୍ୟାସ

୧. ସେମାନଙ୍କ ନାମ ଲେଖ ।

(କ) ଯେଉଁ ପଶୁମାନେ କେବଳ ଡାଳପତ୍ର ଖାଆନ୍ତି ______________________

(ଖ) ଯେଉଁ ପକ୍ଷୀମାନେ ଖୁଣ୍ଟି ଖୁଣ୍ଟି ଖାଆନ୍ତି ______________________

(ଗ) ଯେଉଁ ପଶୁମାନେ ସର୍ବଭୁକ୍ ______________________

(ଘ) ଯେଉଁ ପକ୍ଷୀମାନେ କେବଳ ମାଂସାଶୀ ______________________

(ଙ) ଯେଉଁ ପକ୍ଷୀମାନେ ମାଛକୁ ଗିଳିଦିଅନ୍ତି ______________________